CAREERINDIA

**SET – 4**

**Series : TYM**

**Code No. 14**

**Roll No.** | | | | | | | |

Candidates must write the Code on the title page of the answer-book.

- ପ୍ରଶ୍ନପତ୍ରଟି **7** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
- ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ୍ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
- ପ୍ରଶ୍ନପତ୍ରରେ **11**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
- ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉପଯୁକ୍ତ ସ୍ଥାନରେ ଲେଖ ।
- ପ୍ରଶ୍ନପତ୍ର ପଢିବା ପାଇଁ **15** ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର **10**ଟା **15** ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ **10.15** ଠାରୁ **10.30** ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢ଼ିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
- Please check that this question paper contains **7** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **11** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

www.careerindia.com

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* — *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* — *Maximum Marks : 80*

ସୂଚନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ – Reading – 10

(ଖ) ଲିଖନ – Writing – 15

(ଗ) ବ୍ୟାକରଣ – Grammar – 20

(ଘ) ସାହିତ୍ୟ – Literature – 35

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

CAREERINDIA

## 'କ' ବିଭାଗ

1. ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଦତ୍ତ ପଶ୍ନଗୁଡ଼ିକର ଉତ୍ତର ଲେଖ । **5 × 2 = 10**

ବିଜ୍ଞାନର ବରଦାନ ବଳରେ ସମଗ୍ର ମାନବ ଜାତିର ଅଶେଷ କଲ୍ୟାଣ ସାଧିତ ହୋଇଛି । ଜୀବନଧାରଣର ମାନରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ ହୋଇପାରିଛି । ବିଜ୍ଞାନ ଯୋଗୁ ବିଶାଳ ବିଶ୍ୱ କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି । ଏକବିଂଶ ଶତାବ୍ଦୀରେ 'ବିଶ୍ୱଗ୍ରାମ' ଗଠନ ଆଉ ଦୂରନ୍ତ ସ୍ୱପ୍ନ ହୋଇ ରହିନାହିଁ । ପୃଥବୀ ବକ୍ଷରେ ବିଜ୍ଞାନର ପ୍ରସାର ଘଟାଇବାପରେ ବିଜ୍ଞାନୀମାନେ ଅନ୍ୟ ଗ୍ରହର ରହସ୍ୟ ଉଦ୍‌ଘାଟନ କରିବାରେ ଲାଗି ପଡ଼ିଛନ୍ତି । ଚନ୍ଦ୍ରପୃଷ୍ଠରେ ବସତି ସ୍ଥାପନ କରିବାର ପ୍ରସ୍ତୁତି ଚାଲୁ ରହିଛି । ପାଶ୍ଚାତ୍ୟ ଦେଶମାନଙ୍କ ସହ ତାଳ ଦେଇ ଆମ ଦେଶ ମଧ୍ୟ ଏ କ୍ଷେତ୍ରରେ ଆଖିଦୃଶିଆ ସାଫଲ୍ୟ ଅର୍ଜନ କରିଛି । ଭାରତର ମଙ୍ଗଳ ଅଭିଯାନ କାର୍ଯ୍ୟକ୍ରମ ନିଶ୍ଚିତ ଭାବରେ ଏକ ବଡ଼ ଉପଲବ୍ଧି । ମେଧାବୀ ଛାତ୍ରଛାତ୍ରୀମାନେ ଅଧୁନା ମହାକାଶ ଗବେଷଣା କ୍ଷେତ୍ରରେ ବିଶେଷ ଆଗ୍ରହ ଦେଖାଉଛନ୍ତି । ପାରମ୍ପରିକତାକୁ ପରିହାର କରିବାକୁ ବିଜ୍ଞାନ କେବେ ବି କୁହେ ନାହିଁ । କାରଣ ପାରମ୍ପରିକତାର ଭିତ୍ତିଭୂମି ଉପରେ ତ ଆଧୁନିକତା ପ୍ରତିଷ୍ଠିତ । କଳ୍ପନା ନ ଥିଲେ, ବାସ୍ତବତା ଆସିବ କୁଆଡୁ ? ସ୍ୱପ୍ନ ନ ଦେଖିଲେ, ତା'କୁ ସାକାର କରିବାକୁ ପ୍ରେରଣା କେମିତି ମିଳିବ ? ସେ ଯାହାହେଉ, ବିଜ୍ଞାନୀମାନେ ସମଗ୍ର ମାନବ ସମାଜର ସର୍ବାଙ୍ଗୀଣ ଉନ୍ନତି କଥା ଧ୍ୟାନରେ ରଖି ଗବେଷଣା ଜାରି ରଖିବା ଉଚିତ । ବିଜ୍ଞାନ ବିଶେଷ ଜ୍ଞାନ ସଂପନ୍ନ ହୋଇଥିବାରୁ ତା'କୁ ନେଇ ଅସୁମାରି ଆଶା ରହିବା ସ୍ୱାଭାବିକ । ସେହି ଆଶା ଭରସାକୁ କେବେ ବ୍ୟର୍ଥ ହେବାକୁ ଦିଆଯିବା କଥା ନୁହେଁ ।

(କ) ମେଧାବୀ ଛାତ୍ରଛାତ୍ରୀମାନେ କେଉଁ କ୍ଷେତ୍ରରେ ବିଶେଷ ଆଗ୍ରହ ଦେଖାଉଛନ୍ତି ?

(ଖ) ବିଜ୍ଞାନ କ୍ଷେତ୍ରରେ ଭାରତର ବଡ଼ ଉପଲବ୍ଧି କ'ଣ ?

(ଗ) କଳ୍ପନା ଓ ବାସ୍ତବତା ମଧ୍ୟରେ କି ସଂପର୍କ ରହିଛି ?

(ଘ) ବିଜ୍ଞାନକୁ ନେଇ ଅସୁମାରି ଆଶା କାହିଁକି ରହିଛି ?

(ଙ) ଅଧୁନା କେଉଁ କଥା ଆଉ ଦୂରନ୍ତ ସ୍ୱପ୍ନ ହୋଇ ରହିନାହିଁ ?



www.careerindia.com

CAREERINDIA

## 'ଖ' ବିଭାଗ

2. ଯେକୌଣସି **ଗୋଟିଏ** ବିଷୟରେ ରଚନା ଲେଖ : **8**

(କ) ଛାତ୍ରଶକ୍ତିର ସୁବିନିଯୋଗ

(ଖ) ସାମାଜିକ ସଂହତିରକ୍ଷା

(ଗ) ପରିବେଶ ପ୍ରଦୂଷଣ

3. 'ଜଳସଂପଦର ସୁରକ୍ଷା' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ । **7**

**କିମ୍ବା**

'ସାମାଜିକ ଗଣମାଧ୍ୟମର ସଦୁପଯୋଗ' ସଂକ୍ରାନ୍ତରେ ଏକ ସଚ୍ଚେତନଧର୍ମୀ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ ।

(ବି.ଦ୍ର. – ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ)

## 'ଗ' ବିଭାଗ

4. (କ) ନିର୍ଦ୍ଦେଶ ଅନୁସାରେ ବାକ୍ୟ ପରିବର୍ତ୍ତନ କର : **(4ଟିର)** **4**

(i) ଗୀତା ଭଲ ନାଚିବାରୁ ସୁନାମ ଅର୍ଜନ କରିଛି । (ଯୋଗିକ ବାକ୍ୟ)

(ii) ଯଦି ବର୍ଷା ହେବ, ମୁଁ ଆଉ ବଜାରକୁ ଯିବି ନାହିଁ । (ସରଳ ବାକ୍ୟ)

(iii) ପରିବାରରେ ଅଶାନ୍ତି ହେତୁ ସୁରେନ୍ଦ୍ର ପୁରୀ ଗଲା ନାହିଁ । (ଜଟିଳ ବାକ୍ୟ)

(iv) ମକର ସଂକ୍ରାନ୍ତି ଆସିଲେ ପିଲାମାନେ ଗୁଡ଼ି ଉଡ଼ାନ୍ତି । (ଯୌଗିକ ବାକ୍ୟ)

(v) ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ ! (ସରଳ ବାକ୍ୟ)

(vi) ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି । (ଜଟିଳ ବାକ୍ୟ)

www.careerindia.com

CAREERINDIA

(ଖ) ଭ୍ରମ ସଂଶୋଧନ କରି ଲେଖ । (4 ଟିର) 4

ବାହୁଲ୍ୟତା, ବିଷର୍ଣ୍ଣ, ଦ୍ୱନ୍ଦ, ଯାତାୟତ, ରଣଗ୍ରସ୍ଥ, ନିର୍ଦ୍ଧନୀ

(ଗ) ଲକ୍ଷଣ ଓ ଯତିପାତ ସହ ଯେ କୌଣସି **ଗୋଟିଏ ଛନ୍ଦର** ଉଦାହରଣ ଦିଅ । 4

ନଟବାଣୀ, ରାମକେରୀ

(ଘ) ବାକ୍ୟରେ ବ୍ୟବହାର କର । (ଯେ କୌଣସି **4ଟି** ରୂଢ଼ିର) 4

ଭୂତ ଖାଇବା, ଅନ୍ଧ ବୁଝାମଣା, ଆପଣା ସୁନା ଭେଣ୍ଡି, ଶୁଆ ପରି ଘୋଷିବା, ବାଆଙ୍କୁ ବତା, ଚିତା କାଟିବା

(ଙ) ନିମ୍ନ ଅନୁଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର । 4

Diwali is the festival of lights. The people all over India observe this festival. It is the festival of conquest of justice over injustice. We celebrate Diwali in our houses with pomp and ceremony. Festivals are considered as the strongest means of national harmony.

## 'ଘ' ବିଭାଗ

5. ସପ୍ରସଙ୍ଗ ସରଳାର୍ଥ ଲେଖ : **(ଗୋଟିକର)** 5

(କ) ସମୟ-ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରି ମୁଁ ଭାସି ଚାଲିଛି ।

(ଖ) ଭୋକିଲା ଲୋକଙ୍କର ଦୁଃଖକୁ ନିଜ ଆଖିରେ ଦେଖି ତା'ଙ୍କ ହୃଦୟ ବିଗଳିତ ହେଲା ।

6. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି 3 ଟିର) **3 × 2 = 6**

(କ) ପଲ୍ଲୀରେ ଏକ ପରିବାରତ୍ୱ ଗଢ଼ିଉଠିବାର କି ପ୍ରମାଣ ମିଳେ ?

(ଖ) ଜୀବବିଜ୍ଞାନର ଚର୍ଚ୍ଚାରୁ କି ସନ୍ଧାନ ମିଳିଥାଏ ?

(ଗ) କୃଷି ବିଷୟକ ଶିକ୍ଷା ମାତୃଭଷାରେ ହେଲେ କି ସୁଫଳ ହୁଅନ୍ତା ?

(ଘ) ସନ୍ୟାସୀର କେଉଁ ଧର୍ମକୁ ବିବେକାନନ୍ଦ ବାଛି ନେଇଥିଲେ ?

(ଙ) ମାୟାଧର ମାନସିଂହ ଓ ରାଧାମୋହନ ଗଡ଼ନାୟକଙ୍କ କାବ୍ୟିକ ବିଶେଷତ୍ୱ କ'ଣ ଥିଲା ?



www.careerindia.com

CAREERINDIA

7. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । 4 × 1 = 4

(କ) ଭାରତର ବୈଶିଷ୍ଟ୍ୟ କ'ଣ ?

(i) ବୈଷୟିକ ଉନ୍ନତି (ii) ଆଧ୍ୟାତ୍ମିକତା

(iii) ମହାକାଶ ଗବେଷଣା (iv) ଗଣତନ୍ତ୍ରର ବିକାଶ

(ଖ) ଶାସିତଙ୍କୁ ଶାସକଙ୍କଠାରୁ କିଏ ଦୂରରେ ରଖିଛି ?

(i) ଆଞ୍ଚଳିକ ଭାଷା (ii) ମାତୃ ଭାଷା

(iii) ଇଂରେଜି ଭାଷା (iv) ଅନ୍ଧବିଶ୍ୱାସ

(ଗ) 'ନରେନ୍‌ରୁ ବିବେକାନନ୍ଦ' ପ୍ରବନ୍ଧଟି କେଉଁ ପୁସ୍ତକର ଅଂଶବିଶେଷ ?

(i) ସ୍ୱାମୀ ବିବେକାନନ୍ଦ (ii) ମହାପୁରୁଷ ବିବେକାନନ୍ଦ

(iii) ମନୀଷୀ ବିବେକାନନ୍ଦ (iv) ଛତ୍ରପତି ବିବେକାନନ୍ଦ

(ଘ) 'ଉତ୍କଳ ସମ୍ମିଳନୀ' ର ପ୍ରତିଷ୍ଠାତା କିଏ ?

(i) ମଧୁସୂଦନ ରାଓ (ii) ମଧୁସୂଦନ ଦାସ

(iii) ଫକୀରମୋହନ ସେନାପତି (iv) ଗୋପବନ୍ଧୁ ଦାସ

୫. ସପ୍ରସଙ୍ଗ ସରଳାର୍ଥ ଲେଖ : (**ଗୋଟିଏର**) 5

(କ) ବିଭୂତିକି ଭୁଞ୍ଜୁଥିଲୁ ବିଭୂତିଭୂଷଣେ

ବଡ଼କୁଳେ ଜନମି ଶରଣ କି କାରଣେ ଯେ ?

(ଖ) ମରଣ ଦୁଆରେ ଚରଣ ଅରପି

ଗାଅରେ ଅମର ଗାନ

ପୋଛିଦିଅ ଆଜି ମାନବ ଶିରସୁଁ

ସଂଚିତ ଅପମାନ ।



www.careerindia.com

CAREERINDIA

୨. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି **3** ଟିର) **3 × 2 = 6**

(କ) ଦୃଦକ୍ଷ ମାନଗୋବିନ୍ଦଙ୍କୁ କି ବାର୍ତ୍ତା ଦେଇଥିଲେ ?

(ଖ) ରାବଣର ବାର୍ତ୍ତା ଶୁଣି ଅଙ୍ଗଦ କି ପ୍ରତିକ୍ରିୟା ପ୍ରକାଶ କଲେ ?

(ଗ) ଶିଖାର ଓଠିବା ପଡ଼ିବା ସହିତ କବି କାହାକୁ ତୁଳନା କରିଛନ୍ତି ?

(ଘ) ସୀତାଙ୍କ ହୃଦୟରେ ପ୍ରତିବିମ୍ବିତ ବୀର ରାମ ମୂର୍ତ୍ତିକୁ କବି କାହାପରି ବୋଲି କହିଛନ୍ତି ?

(ଙ) କେଉଁଠାରୁ ଆମେ ଶକ୍ତି ଓ ତୃପ୍ତି ପାଉ ବୋଲି କବି କହିଛନ୍ତି ?

10. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । **4 × 1 = 4**

(କ) ଧୃଷ୍ଟଦ୍ୟୁମ୍ନ କାହାର ପୁତ୍ର ଥିଲେ ?

(i) ଧୃତରାଷ୍ଟ୍ର (ii) ଦ୍ରୁପଦ

(iii) ଦ୍ରୌପଦୀ (iv) ଦ୍ରୋଣାଚାର୍ଯ୍ୟ

(ଖ) 'ଗଲାଣି ତ ଗଲା କଥାରେ ସଂଗାତ' – କାହାର ରଚନା ?

(i) ରାଧାନାଧ ରାୟ (ii) ମଧୁସୂଦନ ରାଓ

(iii) ବଳଦେବ ରଥ (iv) ସାଲବେଗ

(ଗ) ଆଶ୍ରମଧାତ୍ରୀ ବୋଲି କାହାକୁ କୁହାଯାଇଛି ?

(i) ସୀତା (ii) ଅନୁକମ୍ପା

(iii) ଯୋଗେଶ୍ୱରୀ (iv) ତମସା ନଦୀ

(ଘ) ଆମ ମନସୁଖ ଲାଗି ହସକଥା କେଉଁଠାରେ ଭରି ରହିଛି ?

(i) ଗଛ ଲତାରେ (ii) ନଈ ସମୁଦ୍ରରେ

(iii) ଅନ୍ତର ଭିତରେ (iv) ହଜିଲା ଦିନରେ



www.careerindia.com

CAREERINDIA

11. ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଲେଖ । 5

(କ) ରାଜେଶ୍ୱରୀଙ୍କ ଚରିତ୍ରରେ କି କି ବିଶେଷତା ପରିଲକ୍ଷିତ ?

(ଖ) ସଂସାରଟାକୁ ତତଲା ଲୁହା କଡ଼େଇ ବୋଲି କିଏ କେତେବେଳେ ତୁଳନା କରିଛନ୍ତି ?

(ଗ) ଶଚ୍ୀ ସୁନ୍ଦ ଓ ଉପସୁନ୍ଦଙ୍କୁ କାହିଁକି ପୃଥବୀର ଶତ୍ରୁ ବୋଲି କହିଥିଲେ ?

---

www.careerindia.com

www.careerindia.com